ସତୀଶ କୁମାର

ବନାମ

ଜଲନ୍ଧର ଉନ୍ନତ୍ତି ନ୍ୟାସ, ଜଲନ୍ଧର ଏବଂ ଅନ୍ୟଜଣେ

ଜାନୁଆରୀ 29,1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାଏକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ସମ୍ବିଧାନ, 1950:*

*ଧାରା 39 (d) ଏବଂ 14 - ସମାନ କାର୍ଯ୍ୟ ପାଇଁ ସମାନ ଦରମା - କେବଳ ସେତେବେଳେ ଲାଗୁ ହେବ ଯେତେବେଳେ ଜଣେ ବ୍ୟକ୍ତି ସମାନ କର୍ତ୍ତବ୍ୟ ନିର୍ବାହ କରନ୍ତି କିନ୍ତୁ ସମାନ ଦରମା ପାଆନ୍ତି ନାହିଁ - ସମାନ କାର୍ଯ୍ୟ ପାଇଁ ସମାନ ଦରମା ଦେବା ପାଇଁ ସମାନ ଭାବରେ ବିବେଚନା କରାଯାଇପାରିବ ନାହିଁ-ସର୍ବନିମ୍ନ ମୌଳିକ ଯୋଗ୍ୟତା ବିନା ନିଯୁକ୍ତ ବ୍ୟକ୍ତି - ସର୍ବନିମ୍ନ ଯୋଗ୍ୟତା ସହିତ ନିଯୁକ୍ତ ବ୍ୟକ୍ତିଙ୍କ ସହିତ ସମାନ ଦରମା ପାଇବାକୁ ହକଦାର ନୁହେଁ- ସେବା ଆଇନ - ସମାନ କାମ ପାଇଁ ସମାନ ଦରମା ।*

ଦେୱାନୀ ଆବେଦନ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ (C) 0807/1996

R.S.A.ସଂଖ୍ୟା 691/1995 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର 5.9.95 ତାରିଖର ରାୟ ଏବଂ ଆଦେଶରୁ ।

ପୁନିତ ବାଲି ଏବଂ ଏମ୍. ଟି. ଜର୍ଜ ଆବେଦନକାରୀଙ୍କ ପାଇଁ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଯଦିଓ ବିଦ୍ୱାନ ଓକିଲ ଆମକୁ ଉଚ୍ଚ ନ୍ୟାୟାଳୟଙ୍କର ଆକ୍ଷେପିତ ଆଦେଶ ସହିତ ଅସହମତ ହେବାକୁ ରାଜି କରାଇବାକୁ ଯଥାସମ୍ଭବ ଚେଷ୍ଟା କରିଛନ୍ତି, ଆମେ ଭାବୁଛୁ ଯେ ଉଚ୍ଚ ନ୍ୟାୟାଳୟ ତାଙ୍କ ନିଷ୍କର୍ଷରେ ଠିକ୍ କହିଛନ୍ତି ଯେ ଆବେଦନକାରୀ ପମ୍ପସେଟ୍ ପରିଚାଳକ ଭାବରେ ସମାନ ଦରମା ପାଇବାକୁ ହକଦାର ନୁହଁନ୍ତି । ପଞ୍ଜାବ ସହର ଉନ୍ନତି ନ୍ୟାସ ଅଧିନିୟମ, 1923 ର ଧାରା 18

(ସଂକ୍ଷେପରେ ଅଧିନିୟମ) ଉପରେ ନିର୍ଭର କରିବାକୁ ଏହି ବିଦ୍ୱାନ ଓକିଲ ଚେଷ୍ଟା କରିଥିଲେ । ଧାରା 18 ନ୍ୟାସର କର୍ମଚାରୀଙ୍କ ସଂଖ୍ୟା, ସେମାନଙ୍କର ଦରମା ଇତ୍ୟାଦି ସ୍ଥିର କରିବାର କ୍ଷମତାକୁ କଳ୍ପନା କରେ । ଧାରା 17 ନ୍ୟାସର ଗଠନକୁ କଳ୍ପନା କରେ ଏବଂ ସମ୍ବିଧାନ ଅନୁଯାୟୀ ଧାରା 18 କୁହେ ଯେ ନ୍ୟାସ ସମୟ ସମୟରେ ଆଇନ ଅନୁଯାୟୀ ଏହାର କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଏବଂ ଉପଯୁକ୍ତ ବିବେଚନା କରୁଥିବା ନିର୍ଦ୍ଧାରିତ ସର୍ତ୍ତ ଏବଂ ସର୍ତ୍ତାବଳୀରେ ଅନ୍ୟ କର୍ମଚାରୀମାନଙ୍କୁ ନିଯୁକ୍ତି ଦେଇପାରିବ । ଉପଧାରା (2) କର୍ମଚାରୀମାନଙ୍କର ନିଯୁକ୍ତି, ପଦୋନ୍ନତି, ଛୁଟି ମଞ୍ଜୁର, ନିଲମ୍ବନ, ପଦକ୍ରମରେ ଅବନତ କରିବା, ସେବାରୁ ଅପସାରଣ କରିବା ଏବଂ ଦୁରାଚରଣ ନିମିତ୍ତେ ସେବାରୁ ବର୍ଖାସ୍ତ କରିବା ସମ୍ବନ୍ଧୀୟ ନିୟନ୍ତ୍ରଣାଧିକାର ପ୍ରଦାନ କରେ; ଏହା ସହିତ, ଦୁରାଚରଣ ବ୍ୟତୀତ ଅନ୍ୟ କାରଣରେ ସେବାରୁ ଅପସାରଣ କରିବାର ଶକ୍ତି ମଧ୍ୟ ଅଧିନିୟମ ଅନୁଯାୟୀ ଅଧ୍ୟକ୍ଷଙ୍କୁ ଦିଆଯାଇଛି ।

ଏହା କୁହାଯାଇଛି ଯେ ଏହି କ୍ଷମତା ବ୍ୟବହାର କରି, ଅଧ୍ୟକ୍ଷ ନିୟନ୍ତ୍ରଣକାରୀ ଅଧିକାରୀ ଭାବରେ ଆବେଦନକାରୀଙ୍କ ସେବା ସର୍ତ୍ତାବଳୀକୁ ମୁକ୍ତ କରିଥିଲେ ଏବଂ ତାଙ୍କୁ ପମ୍ପସେଟ୍ ପରିଚାଳକ ଭାବରେ ମଧ୍ୟ ନିଯୁକ୍ତ କରିଥିଲେ ଯଦିଓ ସେ ଆଇନ ଅନୁଯାୟୀ ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତା ହାସଲ କରିନଥିଲେ । ଏହା ବିବାଦର ବିଷୟ ନୁହେଁ ଯେ ଉକ୍ତ ପଦବୀ ପାଇଁ ଆଇ.ଟି.ଆଇ. ସହିତ ମାଟ୍ରିକ ପାସ୍ ଯୋଗ୍ୟତା ଆବଶ୍ୟକ ଯାହା ଆବେଦନକାରୀ ସ୍ୱୀକାର କରିଛନ୍ତି ଯେ ସେ ରଖି ନାହାଁନ୍ତି । ତତ୍ତ୍ୱାବଧାନ ଏବଂ ନିୟନ୍ତ୍ରଣର ସାଧାରଣ କ୍ଷମତା ପରିସରରେ, ମୌଳିକ ଯୋଗ୍ୟତା ବିନା ନିଜ ପସନ୍ଦର କୌଣସି ବ୍ୟକ୍ତିଙ୍କୁ ନିଯୁକ୍ତ କରିବାର କ୍ଷମତା ଅନ୍ତର୍ଭୁକ୍ତ ନୁହେଁ । ତେଣୁ, ଅଧ୍ୟକ୍ଷଙ୍କ ଦ୍ୱାରା କ୍ଷମତାର ପ୍ରୟୋଗ ନିଶ୍ଚିତ ଭାବେ ବେଆଇନ ହେବ । ସେହି ପରିସ୍ଥିତିରେ, ସମ୍ବିଧାନର ଅନୁଚ୍ଛେଦ 39 (a) ରେ ପରିକଳ୍ପିତ "ସମାନ କାମ ପାଇଁ ସମାନ ବେତନ" ନୀତିର କୌଣସି ପ୍ରୟୋଗ ନାହିଁ । ଏହା କେବଳ ସେତେବେଳେ ଲାଗୁ ହେବ ଯେତେବେଳେ ଜଣେ ବ୍ୟକ୍ତି ସମାନ କର୍ତ୍ତବ୍ୟ ନିର୍ବାହ କରୁଛନ୍ତି କିନ୍ତୁ ସମାନ କାର୍ଯ୍ୟ ପାଇଁ ସମାନ ଦରମା ପାଉନାହାନ୍ତି । ଏହି ମାମଲାରେ ଯେହେତୁ ଆବେଦନକାରୀ ପାଖରେ ନିଯୁକ୍ତ ପଦବୀ ପାଇଁ ସର୍ବନିମ୍ନ ମୌଳିକ ଯୋଗ୍ୟତା ନାହିଁ, ତେଣୁ ସମାନ କାର୍ଯ୍ୟ ପାଇଁ ସମାନ ଦରମା ଦେବା ପାଇଁ ଅସମାନଙ୍କୁ ସମାନ କରାଯାଇପାରିବ ନାହିଁ । ତେଣୁ ସେ ସମାନ ଦରମା ପାଇବାକୁ ହକଦାର ନୁହଁନ୍ତି ।

ତଦନୁସାରେ ଆବେଦନକୁ ଖାରଜ କରାଯାଇଛି ।

ଜି.ଏନ୍. ଆବେଦନଟି ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:
ଅନୁବାଦିକା:
ତପସ୍ୱିନୀ ବିଶ୍ୱାଳ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ,
କଟକ ।